# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**03 October - 2023**

**News Editor : ITISHREE SINGH RATHAUR**

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ର ନିର୍ମାଣରେ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କହିଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର
- ବିଧାନସଭାରେ ପାରିତ ହେଲା ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ
- ଭୁବନେଶ୍ୱର ନାଇଜର ପରିସରରେ ହୋମିଭାଭା କ୍ୟାନସର ହସ୍‌ପିଟାଲ ଏବଂ ଗବେଷଣା କେନ୍ଦ୍ରର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

— ୨୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ଡିସେମ୍ବର ୨୦୨୫ ସୁଦ୍ଧା ହେବ କାର୍ଯ୍ୟକ୍ଷମ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିରହିଛି ବର୍ଷା; ଅତିପ୍ରବଳ ବର୍ଷା ହେବା ନେଇ ୫ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

## ଅନୁରାଗ ସିଂ ଠାକୁର

ରାଷ୍ଟ୍ରନିର୍ମାଣରେ ସମ୍ବାଦପତ୍ରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କିନ୍ତୁ କିଛି ବ୍ୟକ୍ତି ସମ୍ବାଦପତ୍ରକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବେ ବ୍ୟବହାର କରିଥାନ୍ତି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି। ଭୁବନେଶ୍ୱରରେ ଏକ ଦୈନିକ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଦିବସ ଅବସରରେ ଯୋଗଦେଇ ଶ୍ରୀ ଠାକୁର କହିଛନ୍ତି ସାମ୍ବାଦିକତା ସେବା ପାଇଁ ଉଦ୍ଦିଷ୍ଟ ।  ହେଲେ ମହାତ୍ମା ଗାନ୍ଧୀଙ୍କୁ ବିଚାରଧାରାକୁ ଏଇ ଶ୍ରେଣୀର ସାମ୍ବାଦିକମାନେ ଭୁଲିଯାଇଛନ୍ତି। ସାମ୍ବାଦିକତାର ବିକାଶରେ ଆଂଚଳିକ ଭାଷାର ଗୁରୁତ୍ୱ ରହିଛି ଏବଂ ନୂତନ ଜାତୀୟ ଶିକ୍ଷାନୀତିରେ ମଧ୍ୟ ଆଂଚଳିକ ଭାଷାଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି। ସାମାଜିକ ଗଣମାଧ୍ୟମରେ ମିଛ ଖବର ସମ୍ପ୍ରସାରଣ ଦ୍ୱାରା ସମାଜର ଅପୂରଣୀୟ କ୍ଷତି ହୋଇଥାଏ  ବୋଲି ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି।

**- V/O -**

ଏହି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତାବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୨୦୪୭ ମସିହାରେ ଭାରତ ସ୍ୱାଧୀନତାର ଶତବାର୍ଷିକ ଉତ୍ସବ ପାଳନ କରିବ।

ଏହି ସମୟ ମଧ୍ୟରେ  ଓଡ଼ିଆ ଭାଷା ଓ ସଂସ୍କୃତିକୁ ଆହୁରି ସମୃଦ୍ଧ କରିବା ଦିଗରେ କାର୍ଯ୍ୟକରିବାର ଆବଶ୍ୟକତା ରହିଛି।

ଦିନିକିଆ ଓଡ଼ିଶା ଗସ୍ତରେ ଆସି ମନ୍ତ୍ରୀ ଶ୍ରୀ ଠାକୁର ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ,

'ନାରୀ ଶକ୍ତି ବନ୍ଦନ' ଅଧିନିୟମ ଅଧୀନରେ ମହିଳାମାନଙ୍କୁ ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ କେନ୍ଦ୍ର ସରକାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରୟାସ କରିଛନ୍ତି ।

ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ଶ୍ରୀ ଠାକୁର ସାମିଲ ହୋଇଥିଲେ । ଶ୍ରୀ ପ୍ରଧାନ କହିଥିଲେ, ଦେଶରେ 'ମେରୀ ମାଟି ମେରା ଦେଶ' କାର୍ଯ୍ୟକ୍ରମ ନୂଆ ଜାଗରଣ ସୃଷ୍ଟି କରିଛି । ସଂଗ୍ରାମୀମାନଙ୍କୁ ସମ୍ମାନ ଦେବା, ବିକଶିତ ଭାରତରେ  ନିଜର ଯୋଗଦାନ ରଖିବା ଏବଂ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ମନ୍ତ୍ରୀ ଶ୍ରୀ ଠାକୁର ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏକ ଫଳକକୁ ଉଦ୍‌ଘାଟନ କରିଥିଲେ ।

ସୂଚନା ଅନୁସାରେ ଉଭୟ କେନ୍ଦ୍ରମନ୍ତ୍ରୀ ବର୍ତ୍ତମାନ କଟକଠାରେ ଏକ ସମ୍ବାଦପତ୍ରର ଶତବାର୍ଷିକ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ।

## ବିଧାନସଭା

ବିଧାନସଭା ମୌସୁମୀ ଅଧିବେଶନରେ ଆଜି ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ପାରିତ ହୋଇଯାଇଛି । ହଟ୍ଟଗୋଳ ଯୋଗୁଁ  ବିଧେୟକ ଉପରେ ଗୃହରେ ବିଶେଷ ଆଲୋଚନା ହୋଇପାରି ନଥିଲା । ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଚଳିତ ଆର୍ଥିକ ବର୍ଷ ପାଇଁ ୨୮ହଜାର ୨୦୦କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବିଧେୟକ ଗୃହରେ ଆଗତ କରିଥିଲେ ।

ଆଜି ଉଭୟ ପୂର୍ବାହ୍ଣ ଓ ଅପରାହ୍ଣ ଅଧିବେଶନରେ ଗୃହକାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହେବା ଯୋଗୁଁ ବାଚସ୍ପତି ଏବଂ ଉପବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ। ପ୍ରଥମାର୍ଦ୍ଧ ବୈଠକ ମାତ୍ର ୨ ମିନିଟ୍ ପାଇଁ ଚାଲିଥିଲା। ମୁଖ୍ୟମନ୍ତ୍ରୀଙ୍କ ବିବୃତିରୁ ଜନବିରୋଧୀ ଶବ୍ଦ ହଟାଇବା ଦାବି କରି ଆଜି ବିରୋଧୀ ବିଜେପି ବିଧାୟକମାନେ ଗୃହରେ ହଟ୍ଟଗୋଳ କରିଥିଲେ। ଏଥିସହିତ ଦୁଇ ବିଜେପି ବିଧାୟକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ବିଜେପି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ।

## ମୁଖ୍ୟମନ୍ତ୍ରୀ-କ୍ୟାନସର ହ୍‌ପିଟାଲ ଲୋକାର୍ପଣ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଜଟଣୀ ସ୍ଥିତ ନାଇଜର ପରିସରରେ ହୋମିଭାଭା କ୍ୟାନସର ହସ୍‌ପିଟାଲ ଏବଂ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏହି ଗବେଷଣା କେନ୍ଦ୍ର ବିଶ୍ୱସ୍ତରୀୟ କର୍କଟ ରୋଗ, ଗବେଷଣା ଏବଂ ଅଭିନବ କେନ୍ଦ୍ର ହେବ। ଏହି ୨୦୦ ଶଯ୍ୟା ବିଶିଷ୍ଟ କର୍କଟ ଡାକ୍ତରଖାନା ଡିସେମ୍ବର ୨୦୨୫ ଯାଏଁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ କର୍କଟ ରୋଗର ଚିକିତ୍ସା ପାଇଁ ଓଡ଼ିଶାର ରୋଗୀମାନଙ୍କୁ ଦୂରସ୍ଥାନକୁ ଯିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ର ରୋଗୀମାନେ ଉପକୃତ ହେବେ। ସେ କହିଛନ୍ତି,  ଏହି ହସ୍‌ପିଟାଲ ପାଇଁ 'ମୋ ବସ୍' ଚଳାଚଳ କରିବା ସହ ହସ୍‌ପିଟାଲ ନିକଟରେ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଗରିବ ରୋଗୀମାନଙ୍କୁ ମାଗଣାରେ ଆବଶ୍ୟକ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଏଥିରେ ସାମିଲ କରାଯିବ ଏବଂ

ହସ୍ପିଟାଲ ପରିସରରେ ଆହର କେନ୍ଦ୍ର ଖୋଲାଯିବ। ସେ କହିଛନ୍ତି, ଏଥିପାଇଁ ରାଜ୍ୟ ସରକାର ୧୫୦ କୋଟି ଟଙ୍କାର ସହାୟତା ଯୋଗାଇବା ସହ ୬୫ ଏକର ଜମି ଉପଲବ୍ଧ କରାଇଛନ୍ତି।

## ଅନୁରାଗ ସିଂ ଠାକୁର

ରାଷ୍ଟ୍ରନିର୍ମାଣରେ ସମ୍ବାଦପତ୍ରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କିନ୍ତୁ କିଛି ବ୍ୟକ୍ତି ସମ୍ବାଦପତ୍ରକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବେ ବ୍ୟବହାର କରିଥାନ୍ତି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି। ଭୁବନେଶ୍ୱରରେ ଏକ ଦୈନିକ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଦିବସ ଅବସରରେ ଯୋଗଦେଇ ଶ୍ରୀ ଠାକୁର କହିଛନ୍ତି ସାମ୍ବାଦିକତା ସେବା ପାଇଁ ଉଦ୍ଦିଷ୍ଟ ।  ହେଲେ ମହାତ୍ମା ଗାନ୍ଧୀଙ୍କୁ ବିଚାରଧାରାକୁ ଏଇ ଶ୍ରେଣୀର ସାମ୍ବାଦିକମାନେ ଭୁଲିଯାଇଛନ୍ତି। ସାମ୍ବାଦିକତାର ବିକାଶରେ ଆଂଚଳିକ ଭାଷାର ଗୁରୁତ୍ୱ ରହିଛି ଏବଂ ନୂତନ ଜାତୀୟ ଶିକ୍ଷାନୀତିରେ ମଧ୍ୟ ଆଂଚଳିକ ଭାଷାଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି। ସାମାଜିକ ଗଣମାଧ୍ୟମରେ ମିଛ ଖବର ସମ୍ପ୍ରସାରଣ ଦ୍ୱାରା ସମାଜର ଅପୂରଣୀୟ କ୍ଷତି ହୋଇଥାଏ  ବୋଲି ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି।

**- V/O -**

ଏହି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତାବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୨୦୪୭ ମସିହାରେ ଭାରତ ସ୍ୱାଧୀନତାର ଶତବାର୍ଷିକ ଉତ୍ସବ ପାଳନ କରିବ।

ଏହି ସମୟ ମଧ୍ୟରେ  ଓଡ଼ିଆ ଭାଷା ଓ ସଂସ୍କୃତିକୁ ଆହୁରି ସମୃଦ୍ଧ କରିବା ଦିଗରେ କାର୍ଯ୍ୟକରିବାର ଆବଶ୍ୟକତା ରହିଛି ।

ଦିନିକିଆ ଓଡ଼ିଶା ଗସ୍ତରେ ଆସି ମନ୍ତ୍ରୀ ଶ୍ରୀ ଠାକୁର ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ, 'ନାରୀ ଶକ୍ତି ବନ୍ଦନ' ଅଧିନିୟମ ଅଧୀନରେ ମହିଳାମାନଙ୍କୁ ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ କେନ୍ଦ୍ର ସରକାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରୟାସ କରିଛନ୍ତି ।

ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ଶ୍ରୀ ଠାକୁର ସାମିଲ ହୋଇଥିଲେ । ଶ୍ରୀ ପ୍ରଧାନ କହିଥିଲେ, ଦେଶରେ 'ମେରୀ ମାଟି ମେରା ଦେଶ' କାର୍ଯ୍ୟକ୍ରମ ନୂଆ ଜାଗରଣ ସୃଷ୍ଟି କରିଛି । ସଂଗ୍ରାମୀମାନଙ୍କୁ ସମ୍ମାନ ଦେବା, ବିକଶିତ ଭାରତରେ  ନିଜର ଯୋଗଦାନ ରଖିବା ଏବଂ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ମନ୍ତ୍ରୀ ଶ୍ରୀ ଠାକୁର ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏକ ଫଳକକୁ ଉଦ୍‌ଘାଟନ କରିଥିଲେ ।

ସୂଚନା ଅନୁସାରେ ଉଭୟ କେନ୍ଦ୍ରମନ୍ତ୍ରୀ ବର୍ତ୍ତମାନ କଟକଠାରେ ଏକ ସମ୍ବାଦପତ୍ରର ଶତବାର୍ଷିକ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ।

## ବିଧାନସଭା-୨

ରାଜ୍ୟରେ ଗତ ୮ ବର୍ଷ ମଧ୍ୟରେ ୬୯୮ ହାତୀଙ୍କର ମୃତ୍ୟୁ ଘଟିଛି । ସେହିପରି ଏହି ସମୟ ମଧ୍ୟରେ ୭ଟି ମହାବଳ ଓ ୪୮ଟି କଲରାପତରିଆ ବାଘଙ୍କ ଜୀବନ ଯାଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର

ଅମାତ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୧୫-୧୬ରୁ ଚଳିତ ବର୍ଷ ଗତ ୨୫ ତାରିଖ ସୁଦ୍ଧା ଏମାନଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ରୋଗ, ବିଦ୍ୟୁତ ଆଘାତ, ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା, ଶୀକାର ଏବଂ ବିଷ ପ୍ରୟୋଗ ଭଳି କାରଣରୁ ହାତୀ ଓ ବାଘଙ୍କର ମୃତ୍ୟୁ ଘଟିଥିବା ସେ କହିଛନ୍ତି।

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି।

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ବ୍ଲକ୍ ସଦର ମହକୁମା ଚାରିଛକଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୬୨ଟି ଅଭିଯୋଗର ସମାଧାନ କରାଯାଇଛି। ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଶିବିରରେ ୭୫ଟି ବ୍ୟକ୍ତିଗତ ମାମଲା ରହିଥିବାବେଳେ ୩ଟି ସାମୁହିକ ମାମଲା ଆଗତ କରାଯାଇଥିଲା। ଶିବିରରେ ୩୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ ୪୧ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଛି।

ସେହିପରି **ନୂଆପଡା**ଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ସମୁଦାୟ ୪୨ଟି ଆବେଦନ ଆଗତ ହୋଇଥିଲା। ସେଥିମଧ୍ୟରୁ ୩୫ଟି ବ୍ୟକ୍ତିଗତ ଏବଂ ୬ଟି ସାମୁହିକ ସମସ୍ୟା ଏବଂ ଅନ୍ୟଟି ସହାୟତା ରାଶି ମିଳିନଥିବା ନେଇ ଅଭିଯୋଗ ଆଗତ ହୋଇଥିଲା।

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ବ୍ୟକ୍ତିଗତ ଓ ଚାରୋଟି ସାମୂହିକ ସମସ୍ୟା ନେଇ ଶୁଣାଣି ହୋଇଥିଲା। ଶିବିରରେ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ, ଜିଲ୍ଲା ଏସ୍.ପି. ପ୍ରଦ୍ୟୁମ୍ନ ମିଶ୍ର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

ସେହିପରି ଭଦ୍ରକରେ ଆୟୋଜିତ ଜନଅଭିଯୋଗ ଶିବିରରେ ୬୨ଟି ଅଭିଯୋଗର ଶୁଣାଣି ସହ ୮ ଜଣଙ୍କୁ ଚିକିତ୍ସା ଖର୍ଚ୍ଚ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

**ଏସୀୟ କ୍ରୀଡ଼ା**

ହାଙ୍ଗେଝୌଠାରେ ଚାଲିଥିବା ଏସୀୟ କ୍ରୀଡ଼ାର ଦଶମ ଦିନରେ ଆଜି ୫ ହଜାର ମିଟର ଦୌଡରେ ଭାରତର ପାରୁଲ ଚୌଧୁରୀ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିଭଳି ଡି କ୍ୟାଥଲନ୍‌ରେ ତେଜସ୍ୱିନ୍ ଶଙ୍କର ରୌପ୍ୟ ପଦକ ଜିତିଥିବା ବେଳେ ପୁରୁଷ ତ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ୍‌ଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଏହା ସହ ଭାରତର ପଦକ ସଂଖ୍ୟା ୬୭କୁ ବୃଦ୍ଧି ପାଇଛି। ଏପର୍ଯ୍ୟନ୍ତ ଭାରତକୁ ୧୩ଟି ସ୍ୱର୍ଣ୍ଣ ୨୪ଟି ରୌପ୍ୟ ଏବଂ ୨୪ଟି ବ୍ରୋଞ୍ଜ ପଦକ ମିଳିଛି।

ଏହା ପୂର୍ବରୁ ଆଜି ସକାଳେ ଅର୍ଜୁନ ସିଂ ଏବଂ ସୁନୀଲ ସିଂ ସାଲମଙ୍କ ଯୋଡ଼ି ନୌକାଚାଳନାରେ ୧ ହଜାର ମିଟର ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ଲଭ୍‌ଲିନା ବୋରଗହାଙ୍କ ବକ୍ସିଂରେ ବ୍ରୋଞ୍ଜ ପଦକ ଜିତିଥିଲେ।

## ପାଣିପାଗ

ଦକ୍ଷିଣ ଝାଡ଼ଖଣ୍ଡ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ଏବଂ ଦକ୍ଷିଣ-ପଶ୍ଚିମ ମୌସୁମୀ ସକ୍ରିୟ ଥିବା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୁରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଆଦି ୧୦ଟି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲ୍ଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

*********************************